ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ

- ଏମ୍‌କେସିଜି ମେଡିକାଲ୍ କଲେଜ୍, ଭିମ୍‌ସାରରେ କୋଭିଡ୍-୧୯ ପରୀକ୍ଷା କେନ୍ଦ୍ର ପାଇଁ ଦାବି
- ଭେଣ୍ଟିଲେଟର, ପିପିଇ, ମାସ୍କ ଓ ସାନିଟାଇଜର ଭଳି ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର : ୦୧ ଅପ୍ରେଲ୍,୨୦୨୦**

ସରକାର ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ କୋଭିଡ୍-୧୯ ପ୍ରତିରୋଧ କ୍ଷେତ୍ରରେ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିଥିବାବେଳେ କେନ୍ଦ୍ର ସରକାର ମଧ୍ୟ ନିୟମିତ ବ୍ୟବଧାନରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ଓ ଆବଶ୍ୟକୀୟ ପରାମର୍ଶ ଦେଉଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ସରକାର କୋଭିଡ୍-୧୯ ସଂକ୍ରମଣର ପ୍ରତିରୋଧ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ରାଜ୍ୟ ସରକାର ସମସ୍ତ ସରକାରୀ ଓ ଘରୋଇ ହସ୍‌ପିଟାଲ୍‌ମାନଙ୍କରେ କୋଭିଡ୍-୧୯ର ଚିକିତ୍ସା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରିଛନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଅଧୀନରେ ଆସୁଥିବା ଇଏସ୍‌ଆଇ, ନାଲ୍‌କୋ, ଏମ୍‌ସିଏଲ୍ ସହିତ ଭୁବନେଶ୍ୱରସ୍ଥିତ ଏମ୍‌ସକୁ କୋଭିଡ୍-୧୯ର ଚିକିତ୍ସା କ୍ଷେତ୍ରରେ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖି ଜଣାଇଛନ୍ତି ।

ଏହି ଚିଠିରେ କେନ୍ଦ୍ର ସରକାର ଭୁବନେଶ୍ୱରର ଆର୍‌ଏମ୍‌ଆର୍‌ସି, ଏମ୍‌ସ ସହ କଟକର ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌ରେ କୋଭିଡ୍-୧୯ ପରୀକ୍ଷା ବ୍ୟବସ୍ଥା ସଂପ୍ରସାରଣ କରିଥିବାରୁ ମନ୍ତ୍ରୀ ଶ୍ରୀ ଦାସ ଧନ୍ୟବାଦ ପ୍ରଦାନ କରିଛନ୍ତି । ତେବେ ଭୁବନେଶ୍ୱର ଓ କଟକ ମଧ୍ୟରେ କୋଭିଡ୍-୧୯ର ପରୀକ୍ଷା ସୁବିଧା ସୀମିତ ଥିବାରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତଥା ଦୂରଦୂରାନ୍ତ ଅଞ୍ଚଳର ଜନସାଧାରଣ ଏହି ପରୀକ୍ଷା ସୁବିଧାରୁ ବଞ୍ଚିତ ହେଉଛନ୍ତି ।

ଏହି ଅସୁବିଧାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ଦାସ ଅନୁରୋଧ କରିଛନ୍ତି କି କୋଭିଡ୍-୧୯ ପରୀକ୍ଷା ସୁବିଧା ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ୍ କଲେଜ୍, ବୁର୍ଲାର ଭିମ୍‌ସାର ପାଇଁ ବ୍ୟବସ୍ଥା କଲେ ସାରା ରାଜ୍ୟର ଜନସାଧାରଣ ଉପକୃତ ହୋଇପାରିବେ । ଏହା ସହିତ ଭେଣ୍ଟିଲେଟର, ପିପିଇ, ମାସ୍କ ଓ ସାନିଟାଇଜର ଭଳି ସାମଗ୍ରୀର ଅତ୍ୟନ୍ତ ଆବଶ୍ୟକତା ରହିଛି । ଏସବୁ ଯୋଗାଇଦେଲେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆର୍‌ଜିଏଚ୍, ରାଉରକେଲା ହସ୍‌ପିଟାଲ୍‌ରେ ରୋଗୀ ସେବା ଓ ଚିକିତ୍ସାରେ ସହାୟକ ହୋଇପାରିବ ।

ରାଜ୍ୟରେ କୋଭିଡ୍-୧୯ ପରୀକ୍ଷଣ ପାଇଁ ଆବଶ୍ୟକ କିଟ୍ର ଅଭାବ ରହିଛି । ତେଣୁ ଏ ଦିଗରେ ପ୍ରାଥମିକତା ଦେଇ ପରୀକ୍ଷଣ କିଟ୍ର ଯୋଗାଣ ନିଶ୍ଚିତ କରିବା ଦିଗରେ ମନ୍ତ୍ରୀ ଶ୍ରୀ ଦାସ ଅନୁରୋଧ କରିଛନ୍ତି ।

ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ଦାସ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ କୋଭିଡ୍-୧୯ ପରୀକ୍ଷଣ ବ୍ୟବସ୍ଥା ବୃଦ୍ଧି, ଭେଣ୍ଟିଲେଟର ଯୋଗାଣ, କେନ୍ଦ୍ର ସରକାରୀ ଉଦ୍ୟୋଗ ଅଧୀନରେ ଆସୁଥିବା ହସ୍‌ପିଟାଲ୍‌ଗୁଡ଼ିକର ଆବଶ୍ୟକତା ପୂରଣ ସହ ପିପିଇ, ପରୀକ୍ଷଣ କିଟ୍, ମାସ୍କ ଓ ସାନିଟାଇଜର ଯୋଗାଣ ଦିଗରେ ଗୁରୁତ୍ୱ ପ୍ରଦାନ କଲେ ରାଜ୍ୟର କୋଭିଡ୍-୧୯ ଚିକିତ୍ସାରେ ସୁଧାର ଆସିପାରିବ ।

ବିଭୂତି ନାୟକ
ସୂଚନା ଅଧିକାରୀ